Government of Odisha

# ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟାବଳୀର ବିବରଣୀ

## ୨୦୧୫-୨୦୧୬



## ଶିକ୍ଷାବୃତ୍ତି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ପାଇଁ ଏକ ସୁବର୍ଣ୍ଣ ସୁଯୋଗ

ରାଜ୍ୟର ମେଧାବୀ ତଥା ଗରିବ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ତଥା ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାର ବହୁଦିନ ଧରି ପ୍ରଚଳିତ ବୃତ୍ତିହାର ବୃଦ୍ଧି କରିବା ସହ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କର ବାର୍ଷିକ ଆୟର ସୀମା ୨୦୧୦-୧୧ ଆର୍ଥିକ ବର୍ଷରୁ ନିମ୍ନମତେ କୋହଳ କରିଛନ୍ତି।

୧. କନିଷ୍ଠ ମେଧାବୃତ୍ତି, ବରିଷ୍ଠ ମେଧାବୃତ୍ତି ଓ ସ୍ନାତକୋତ୍ତର ମେଧାବୃତ୍ତିର ମାସିକ ଯଥାକ୍ରମେ ଟ.୩୦୦/-, ଟ.୫୦୦/- ଓ ଟ.୧୦୦୦/- ହାରରେ ବାର୍ଷିକ ୧୦ ମାସ ପାଇଁ ପ୍ରଦାନ କରାଯାଇଅଛି।

୨. କନିଷ୍ଠ ମେଧାବୃତ୍ତି, ବରିଷ୍ଠ ମେଧାବୃତ୍ତି ଓ ସ୍ନାତକୋତ୍ତର ମେଧାବୃତ୍ତି କ୍ଷେତ୍ରରେ ପ୍ରଚଳିତ ବୃତ୍ତି ସଂଖ୍ୟା ୨୧୩୦, ୬୦୦ ଓ ୨୬୨ରୁ ଯଥାକ୍ରମେ ୧୦,୦୦୦, ୫୦୦୦ ଓ ୧୫୦୦କୁ ବୃଦ୍ଧି କରାଯାଇଛି।

୩. ମେଧାବୀ ତଥା ଦରିଦ୍ର ଛାତ୍ରଛାତ୍ରୀମାନଙ୍କର ପିତାମାତାଙ୍କର ବାର୍ଷିକ ଆୟର ପ୍ରଚଳିତ ସୀମା ୪.୫ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୋହଳ କରାଯାଇଛି।

୪. ମେଧାବୃତ୍ତି ପାଇଁ ଯେଉଁ ଛାତ୍ରଛାତ୍ରୀମାନେ ବିଜ୍ଞାନରେ ସର୍ବନିମ୍ନ ୭୦% ଓ କଳା ଏବଂ ବାଣିଜ୍ୟ ସ୍ରୋତରେ ସର୍ବନିମ୍ନ ୬୦% ମାର୍କ ରଖିଥିବେ, ସେମାନେ ଆବେଦନ କରିପାରିବେ।

୫. ବୈଷୟିକ ସ୍ତରରେ ସ୍ନାତକ ଶିକ୍ଷାଲାଭ କରୁଥିବା ୧୦,୦୦୦ ଛାତ୍ରଛାତ୍ରୀମାନଙ୍କ ପାଇଁ ବାର୍ଷିକ ୧୦ ହଜାର ଟଙ୍କା କରି ବୃତ୍ତିର ବ୍ୟବସ୍ଥା କରାଯାଇଛି । ଏହି କ୍ଷେତ୍ରରେ ପିତାମାତାଙ୍କର ବାର୍ଷିକ ଆୟର ପ୍ରଚଳିତ ସୀମା ୪.୫ ଲକ୍ଷରୁ ୬ ଲକ୍ଷକୁ ବୃଦ୍ଧି କରାଯାଇଛି।

୬. ଜାତୀୟ, ରାଜ୍ୟସ୍ତରୀୟ ଅନୁଷ୍ଠାନ ଓ ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଶିକ୍ଷା ଅନୁଷ୍ଠାନରେ Engineering, MBBS ଓ BDS ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ତଥା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମ Integrated Law, Integrated MBA, MCA ପାଠ୍ୟକ୍ରମ, B.Pharma, B.Sc (Nursing) BAMS ଓ BHMS ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଏହି ବୈଷୟିକ ବୃତ୍ତି ପାଇଁ ଆବେଦନ କରିପାରିବେ।

୭. ସମସ୍ତ ମେଧାବୃତ୍ତିରେ ବାର୍ଷିକ ୨୪,୫୦୦ ଛାତ୍ରଛାତ୍ରୀ ଉପକୃତ ହେବେ।

୮. ଏହାର ବିସ୍ତୃତ ବିବରଣୀ ଓ ଆବେଦନପତ୍ର ଉଚ୍ଚଶିକ୍ଷା ବିଭାଗର website - www.dheorissa.in ରେ ଉପଲବ୍ଧ।

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

# ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା



ମହାମହିମ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ଯୁବ ରେଡ୍‌କ୍ରସ କ୍ୟାମ୍ପ ର ଉଦ୍‌ଘାଟନ



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଲାପଟପ ବିତରଣ

# ଉଚ୍ଚଶିକ୍ଷା ବିଭାଗର ବାର୍ଷିକ କାର୍ଯ୍ୟାବଳୀର ବିବରଣୀ, ୨୦୧୫-୧୬

ଉଚ୍ଚଶିକ୍ଷାର ମାନ ବୃଦ୍ଧିକରି ଏକ ମୂଲ୍ୟଭିତ୍ତିକ ସମାଜ ପ୍ରତିଷ୍ଠା ସହିତ ଯୁବପୀଢ଼ିକୁ ଏକବିଂଶ ଶତାବ୍ଦୀର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ନିମନ୍ତେ ପ୍ରସ୍ତୁତ କରିବା ଦିଗରେ ଉଚ୍ଚଶିକ୍ଷା ବିଭାଗ ନିରନ୍ତର ପ୍ରଚେଷ୍ଟା କରି ଆସୁଅଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ କରିବା ସହିତ ବଜାର ଚାହିଦାକୁ ଚାହିଁ ଆବଶ୍ୟକତା ଭିତ୍ତିକ ନୂତନ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇଛି । ତତ୍‌ସହିତ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାରେ ସୁଦୃଢ଼ୀକରଣ କରିବାପାଇଁ ରାଜ୍ୟରେ କେତେଗୋଟି ଜାତୀୟ ସ୍ତରର ବୈଷୟିକ ଶିକ୍ଷାନୁଷ୍ଠାନ ଯଥା : IIT, IIIT ଓ NISER ସ୍ଥାପନ କରାଯାଇଅଛି ।

## 1. ସାଧାରଣ ସୂଚନା

ରାଜ୍ୟରେ ସ୍ନାତକ, ସ୍ନାତକୋତ୍ତର, ଯୁକ୍ତଦୁଇ ଓ ଯୁକ୍ତଦୁଇ ଧନ୍ଦାମୂଳକ ଶିକ୍ଷା ଉଚ୍ଚଶିକ୍ଷା ବିଭାଗର ପରିସରଭୁକ୍ତ ଅଟେ । ଏତଦ୍ ବ୍ୟତୀତ ଆଇନ୍, କମ୍ପ୍ୟୁଟର ପ୍ରୟୋଗ, ବ୍ୟବସାୟ ପରିଚାଳନା ଏବଂ ଅନ୍ୟାନ୍ୟ ପେଶାଗତ ଶିକ୍ଷାଦାନ କରୁଥିବା ଅନୁଷ୍ଠାନମାନଙ୍କ ପାଇଁ ଏହି ବିଭାଗ ଦାୟିତ୍ୱ ଗ୍ରହଣ କରିଛି । ବିଭିନ୍ନ ଗୋଷ୍ଠୀର ପାଠକମାନଙ୍କ ନିମନ୍ତେ ଉନ୍ନତ ମାନର ପାଠ୍ୟପୁସ୍ତକ ତଥା ସହାୟକ ପୁସ୍ତକ ପ୍ରକାଶନ ଏହି ଦାୟିତ୍ୱର ଅଂଶ ବିଶେଷ । ଉପର୍ଯ୍ୟୁପରି ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ର, ପଦାର୍ଥ ବିଜ୍ଞାନ ସ୍ୱତନ୍ତ୍ର ଅନୁଷ୍ଠାନ, ଜୀବ ବିଜ୍ଞାନ ଅନୁଷ୍ଠାନ ଭଳି ଗବେଷଣାରତ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ସଂପାଦନ କ୍ଷେତ୍ରରେ ଏହି ବିଭାଗ ବିଶେଷ ଭୂମିକା ଗ୍ରହଣ କରୁଅଛି ।

(Rs. in Lakh)

| Head of Development/ Scheme | Resource Head | Proposed Provision for Annual Plan 2016-17 | | | Total |
|---|---|---|---|---|---|
| General Education Higher Education | | Normal | TSP | SCSP | |
| Plan Sector | Others & EAP | 76632.38 | 9862.54 | 9225.08 | 95720.00 |
| | Central Plan | 50.00 | | | 50.00 |
| Total Plan Sector | | 76682.38 | 9862.54 | 9225.08 | 95770.00 |
| Non-Plan Sector | | 123979.87 | | | 123979.87 |
| Grand Total Provision | | 200662.25 | 9862.54 | 9225.08 | 219749.87 |

## 2. ବିଭିନ୍ନ ଅନୁଷ୍ଠାନ ବିଷୟରେ ସୂଚନା

କ) ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ନିମ୍ନଲିଖିତ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, ସାଧାରଣ ମହାବିଦ୍ୟାଳୟ, ଗୋଷ୍ଠୀ ମହାବିଦ୍ୟାଳୟ ଓ ପେଶାଗତ ମହାବିଦ୍ୟାଳୟଗୁଡ଼ିକ ସ୍ଥାପନ କରାଯାଇ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଗୌତିକ ଓ ମୂଲ୍ୟବୋଧ ଭିତ୍ତିକ ଉଚ୍ଚଶିକ୍ଷା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ନିରନ୍ତର ପ୍ରୟାସ କରୁଅଛି ।

| | | |
|---|---|---|
| i) | **ବିଶ୍ୱବିଦ୍ୟାଳୟ:** | |
| | **ସରକାରୀ ବିଶ୍ୱବିଦ୍ୟାଳୟ:** | ***11*** |
| | କ) ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | |
| | ଖ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର | |
| | ଗ) ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର | |
| | ଘ) ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା | |
| | ଙ) ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର | |
| | ଚ) ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ | |
| | ଛ) ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ | |
| | ଜ) ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର | |
| | ଝ) ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର | |
| | ଞ) ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | |
| | ଟ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର | |
| | **ବେସରକାରୀ ବିଶ୍ୱବିଦ୍ୟାଳୟ:** | ***04*** |
| | କ) ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି | |
| | ଖ) ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ | |
| | ଗ) ଇକ୍‌ଫାଇ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | |
| | ଘ) ଜାଭିଅର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | |
| ii) | **ସରକାରୀ ମହାବିଦ୍ୟାଳୟ:** | ***94*** |
| | କ) କନିଷ୍ଠ ମହାବିଦ୍ୟାଳୟ | 34 |
| | ଖ) କନିଷ୍ଠ ମହିଳା ମହାବିଦ୍ୟାଳୟ | 17 |
| | ଗ) ଡିଗ୍ରୀ ମହାବିଦ୍ୟାଳୟ | 10 |
| | ଘ) ଡିଗ୍ରୀ ମହିଳା ମହାବିଦ୍ୟାଳୟ | 13 |
| | ଙ) ସ୍ୱୟଂଶାସିତ ମହାବିଦ୍ୟାଳୟ | 16 |
| | ଚ) ଯୌଥ ମହାବିଦ୍ୟାଳୟ | 01 |
| | ଛ) ସଂସ୍କୃତ ମହାବିଦ୍ୟାଳୟ | 03 |
| iii) | **ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ:** | ***787*** |
| | କ) କନିଷ୍ଠ ମହାବିଦ୍ୟାଳୟ | 462 |
| | ଖ) କନିଷ୍ଠ ମହିଳା ମହାବିଦ୍ୟାଳୟ | 38 |
| | ଗ) ଡିଗ୍ରୀ ମହାବିଦ୍ୟାଳୟ | 262 |
| | ଘ) ଡିଗ୍ରୀ ମହିଳା ମହାବିଦ୍ୟାଳୟ | 09 |
| | ଙ) ସ୍ୱୟଂଶାସିତ ମହାବିଦ୍ୟାଳୟ | 16 |

| | |
|---|---|
| iv) ଅନୁଦାନପ୍ରାପ୍ତ ସଂସ୍କୃତ ମହାବିଦ୍ୟାଳୟ | *50* |
| v) ବ୍ଲକ୍‌ଗ୍ରାଣ୍ଟ ମହାବିଦ୍ୟାଳୟ (662 ବର୍ଗ) | *643* |
| vi) ଅଣଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ | *571* |
| vii) ଆବାସିକ ମହାବିଦ୍ୟାଳୟ | *287* |
| କ) କନିଷ୍ଠ ମହାବିଦ୍ୟାଳୟ | 142 |
| ଖ) କନିଷ୍ଠ ମହିଳା ମହାବିଦ୍ୟାଳୟ | 02 |
| ଗ) ବୈଷୟିକ ମହାବିଦ୍ୟାଳୟ | 112 |
| ଘ) ଆଇନ୍ ମହାବିଦ୍ୟାଳୟ | 31 |
| viii) ଅନ୍ୟାନ୍ୟ ବିଭାଗ | *14* |
| କ) କନିଷ୍ଠ ମହାବିଦ୍ୟାଳୟ | 12 |
| ଖ) ଡିଗ୍ରୀ ମହାବିଦ୍ୟାଳୟ | 01 |
| ଗ) ଯୌଥ ମହାବିଦ୍ୟାଳୟ | 01 |

**(ଖ) ସ୍ୱୟଂଶାସିତ ମହାବିଦ୍ୟାଳୟ:**

ଶିକ୍ଷାର ଉତ୍କର୍ଷ ସାଧନ ନିମିତ୍ତ ନିମ୍ନଲିଖିତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସିତ କରାଯାଇଅଛି ।

**i) ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

1. ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର
2. ବି.ଜେ.ବି. ମହାବିଦ୍ୟାଳୟ, ଭୁବନେଶ୍ୱର
3. ଏମ୍.ପି.ସି. ମହାବିଦ୍ୟାଳୟ, ବାରିପଦା
4. ଏସ୍.ସି.ଏସ୍. ମହାବିଦ୍ୟାଳୟ, ପୁରୀ
5. ଏନ୍.ସି. ମହାବିଦ୍ୟାଳୟ, ଯାଜପୁର
6. ଭଦ୍ରକ ମହାବିଦ୍ୟାଳୟ, ଭଦ୍ରକ
7. ରାଜେନ୍ଦ୍ର ମହାବିଦ୍ୟାଳୟ, ବଲାଙ୍ଗିର
8. ଢେଙ୍କାନାଳ ମହାବିଦ୍ୟାଳୟ, ଢେଙ୍କାନାଳ
9. ଏମ୍.କେ.ସି.ଜି. ମହାବିଦ୍ୟାଳୟ, ପାରଳାଖେମୁଣ୍ଡି
10. ସରକାରୀ ମହାବିଦ୍ୟାଳୟ, ରାଉରକେଲା
11. ସରକାରୀ ମହାବିଦ୍ୟାଳୟ, ଭବାନୀପାଟଣା
12. ଡି.ଡି. ମହାବିଦ୍ୟାଳୟ, କେନ୍ଦୁଝର

13. ସରକାରୀ ମହାବିଦ୍ୟାଳୟ, ଫୁଲବାଣୀ
14. ଭି.ଦେବ୍ ମହାବିଦ୍ୟାଳୟ, ଜୟପୁର
15. ସରକାରୀ ମହାବିଦ୍ୟାଳୟ, ଅନୁଗୁଳ
16. ଏସ୍.ବି.ଆର୍. ସରକାରୀ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର

ii) **ବେସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ :**

1. ପି.ଏନ୍. ମହାବିଦ୍ୟାଳୟ, ଖୋର୍ଦ୍ଧା
2. କେନ୍ଦ୍ରାପଡ଼ା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା
3. ବାଙ୍କୀ ମହାବିଦ୍ୟାଳୟ, ବାଙ୍କୀ
4. ଏସ୍.ଭି.ଏମ୍. ମହାବିଦ୍ୟାଳୟ, ଜଗତସିଂହପୁର
5. ନୟାଗଡ଼ ମହାବିଦ୍ୟାଳୟ, ନୟାଗଡ଼
6. ରାୟଗଡ଼ା ମହାବିଦ୍ୟାଳୟ, ରାୟଗଡ଼ା
7. ବ୍ୟାସନଗର ମହାବିଦ୍ୟାଳୟ, ଯାଜପୁର ରୋଡ୍
8. ୟୁ.ଏନ୍. ମହାବିଦ୍ୟାଳୟ, ଅଡ଼ସପୁର (ଅଣଅନୁଦାନ ପ୍ରାପ୍ତ)
9. ଡି.ଏ.ଭି. ମହାବିଦ୍ୟାଳୟ, ଟିଟିଲାଗଡ଼
10. ଇସ୍ପାତ ମହାବିଦ୍ୟାଳୟ, ରାଉରକେଲା
11. ନିମାପଡ଼ା ମହାବିଦ୍ୟାଳୟ, ନିମାପଡ଼ା
12. ତାଳଚେର ମହାବିଦ୍ୟାଳୟ, ତାଳଚେର
13. ଖରିଆର ମହାବିଦ୍ୟାଳୟ, ଖରିଆର
14. ସାଲେପୁର ମହାବିଦ୍ୟାଳୟ, ସାଲେପୁର
15. କରଞ୍ଜିଆ ମହାବିଦ୍ୟାଳୟ, କରଞ୍ଜିଆ
16. ବିଜ୍ଞାନ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ

ଗ) **ନେସ୍‌ନାଲ୍ ଆସେସ୍‌ମେଣ୍ଟ ଏବଂ ଆକ୍ରିଡିଟେଶନ୍ କାଉନସିଲ :**

ସମସ୍ତ ବିଶ୍ୱବିଦ୍ୟାଳୟ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟମାନଙ୍କରେ ନେସନାଲ୍ ଆସେସ୍‌ମେଣ୍ଟ ଏବଂ ଆକ୍ରିଡିଟେଶନ୍ କାଉନସିଲ୍ (ଏନ୍.ଏ.ଏ.ସି.)ର ଅଧିସ୍ୱୀକୃତି ଲାଭ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏନ୍.ଏ.ଏ.ସି. ଏପର୍ଯ୍ୟନ୍ତ ରାଜ୍ୟର 210 ଗୋଟି ମହାବିଦ୍ୟାଳୟ ଏବଂ 6 ଗୋଟି ବିଶ୍ୱବିଦ୍ୟାଳୟର ମାନ ନିର୍ଦ୍ଧାରଣ କରିଛନ୍ତି ।

ଘ) **ଏକ ପ୍ରକାର ବାର୍ଷିକ ପଞ୍ଜିକା :**

ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ନାମଲେଖା, ଛାତ୍ର ପରିଷଦ ନିର୍ବାଚନ, ପରୀକ୍ଷା, ପରୀକ୍ଷା ଫଳ ପ୍ରକାଶନ ଏବଂ ଅବକାଶ ପାଇଁ ଏକ ପ୍ରକାର ବାର୍ଷିକ ପଞ୍ଜିକା ପ୍ରଚଳନ କରାଯାଇଛି । ଡ୍ରେସ୍ କୋଡ୍ ଲାଗୁହେବା ପରେ ମହାବିଦ୍ୟାଳୟମାନଙ୍କରେ ଶୃଙ୍ଖଳା ପ୍ରତିଷ୍ଠା ହୋଇପାରିଛି ।

**ଙ) କନିଷ୍ଠ ମହାବିଦ୍ୟାଳୟ/ସ୍ନାତକ ମହାବିଦ୍ୟାଳୟ/ପେଶାଗତ ମହାବିଦ୍ୟାଳୟମାନଙ୍କରେ ବିରଳ ୪ ଅଙ୍କ ବିଶିଷ୍ଟ ସଂକେତ ଲିପି ପ୍ରଚଳନ :**

ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ସମସ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଓ କେତେକ ମହାବିଦ୍ୟାଳୟର ଅଧକ୍ଷମାନଙ୍କ ସହିତ ଆଲୋଚନା ପରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟମାନଙ୍କର କାର୍ଯ୍ୟବିଧି ଲକ୍ଷ୍ୟ କରିବା, E-Governance ପ୍ରଚଳନ କରିବା ଏବଂ ସେଗୁଡ଼ିକର ସୁପରିଚାଳନା କରିବା ନିମନ୍ତେ ପ୍ରତ୍ୟେକ କନିଷ୍ଠ ମହାବିଦ୍ୟାଳୟ/ସ୍ନାତକ ମହାବିଦ୍ୟାଳୟ ଓ ପେଶାଗତ ମହାବିଦ୍ୟାଳୟ ପାଇଁ ଏକ ବିରଳ ୪ ଅଙ୍କ ବିଶିଷ୍ଟ ସଂକେତ ଲିପି ପ୍ରଚଳନ କରାଯାଇଅଛି । ଏହି ସଂକେତ ଲିପି e-governance କାର୍ଯ୍ୟ ଯଥା- SAMS, PIMS, CMSAER, ବକେୟା ପ୍ରାପ୍ତ ନିର୍ଦ୍ଧାରଣ ଇତ୍ୟାଦି ପାଇଁ ବ୍ୟବହୃତ ହେଉଛି ।

**ଚ) କନିଷ୍ଠ ମହାବିଦ୍ୟାଳୟମାନଙ୍କରେ *ICT* କାର୍ଯ୍ୟକ୍ରମ :**

ଏକାଦଶ ଯୋଜନା କାଳରେ 50ଟି ସରକାରୀ କନିଷ୍ଠ ମହାବିଦ୍ୟାଳୟ ଓ 488ଟି ଅନୁଦାନପ୍ରାପ୍ତ କନିଷ୍ଠ ମହାବିଦ୍ୟାଳୟରେ Internet ସଂଯୋଗ, ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ଏବଂ ICT ସହାୟତାରେ ଶିକ୍ଷାଦାନ ବ୍ୟବସ୍ଥା ଓ କମ୍ପ୍ୟୁଟର ଶିକ୍ଷା ପ୍ରଚଳନ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପ୍ରେରଣ କରାଯାଇଛି ।

**ଛ) ସ୍ନାତକ ମହାବିଦ୍ୟାଳୟରେ *ICT* କାର୍ଯ୍ୟକ୍ରମ :**

କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିଭାଗ ନିର୍ଦ୍ଧାରିତ ନୀତି ଅନୁଯାୟୀ BSNL-MTNL ସହ ସହବନ୍ଧିତ ହୋଇ ରାଜ୍ୟ ସରକାର NME-ICT (National Mission on Education through ICT) ଯୋଜନା ହାତକୁ ନେଇଛନ୍ତି । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ସ୍ନାତକ ମହାବିଦ୍ୟାଳୟମାନଙ୍କରେ Broadband ଯୋଗାଯୋଗ ତ୍ୱରାନ୍ୱିତ କରାଯାଇ ବର୍ତ୍ତମାନ ସୁଦ୍ଧା ରାଜ୍ୟର 700 ସ୍ନାତକ ମହାବିଦ୍ୟାଳୟ ଓ ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ନିୟମିତ ବ୍ୟବଧାନରେ ସମୀକ୍ଷା କରାଯାଉଅଛି । ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସଫଳ ରୂପେ କାର୍ଯ୍ୟକାରୀ ହେଉଅଛି ।

## ୩. ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ସମ୍ପର୍କୀୟ ସୂଚନା :

**କ) ବେସରକାରୀ ମହାବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ :**

ରାଜ୍ୟ ସରକାର ଗ୍ରାଣ୍ଟ-ଇନ୍-ଏଡ୍ ଅର୍ଡର, 2009ର ବ୍ୟବସ୍ଥା ଅନୁଯାୟୀ 784 ଗୋଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଯୋଗ୍ୟ ବିବେଚିତ 3467 ଜଣ ଶିକ୍ଷକ ଓ 4140 ଜଣ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଶତ ପ୍ରତିଶତ ମୂଳ ଦରମା ସହିତ ଗ୍ରେଡ୍ ପେ ଓ 5ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିଛନ୍ତି ।

ରାଜ୍ୟ ସରକାରଙ୍କ ଅନୁଦାନ ଆଦେଶନାମା, 2008 ORSP ନିୟମ ଅନୁଯାୟୀ ରାଜ୍ୟର 630 ଗୋଟି 662 ବର୍ଗ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଯୋଗ୍ୟ ବିବେଚିତ 2094 ଜଣ ଶିକ୍ଷକ ଓ 1670 ଅଣଶିକ୍ଷକ କର୍ମଚାରୀମାନଙ୍କୁ ଶତ ପ୍ରତିଶତ ମୂଳ ଦରମା ସହିତ ଗ୍ରେଡ୍ ପେ ଓ ଗୋଟିଏ ଇନ୍‌କ୍ରିମେଣ୍ଟ ପ୍ରଦାନ କରିଛନ୍ତି ।

ରାଜ୍ୟ ସରକାରଙ୍କର ନୂତନ ଗ୍ରାଣ୍ଟ-ଇନ୍-ଏଡ୍ ଅର୍ଡର ବ୍ଲକ୍ ଗ୍ରାଣ୍ଟ ଆକାର, 2014 ବ୍ୟବସ୍ଥା ଅନୁଯାୟୀ ଶିକ୍ଷା କ୍ଷେତ୍ରରେ ଅଗ୍ରସର ଜିଲ୍ଲାମାନଙ୍କରେ ତା 01.06.2008 ରିଖ ଏବଂ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଜିଲ୍ଲା ତଥା ମହିଳା ମହାବିଦ୍ୟାଳୟମାନଙ୍କରେ ତା 01.06.2010 ରିଖ ପୂର୍ବରୁ ପ୍ରତିଷ୍ଠା ଲାଭ କରିଥିବା ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ମୁଣ୍ଡାମୁଣ୍ଡି ଅନୁଦାନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଅଛି ।

ଉପରୋକ୍ତ ନିୟମ ଅନୁଯାୟୀ ଗ୍ରାଣ୍ଟ-ଇନ୍-ଏଡ୍ ଅର୍ଡର, 2008 ପରିସରଭୁକ୍ତ ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ଗ୍ରାଣ୍ଟ-ଇନ୍-ଏଡ୍ ଅର୍ଡର, 2009 ପରିସରଭୁକ୍ତ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକମାନେ ମଧ ମୁଣ୍ଡାମୁଣ୍ଡି ଅନୁଦାନ ପରିସରଭୁକ୍ତ ହେବେ ।

**ଖ) ୟୁ.ଜି.ସି. ବେତନ ହାର:**

ଷଷ୍ଠ ବେତନ କମିଶନଙ୍କ ସୁପାରିଶ ଭିତ୍ତିରେ ପ୍ରବର୍ତ୍ତିତ ୟୁଜିସି ବେତନ ହାର ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ଓ ବେସରକାରୀ ମହାବିଦ୍ୟାଳୟରେ ପୂର୍ବରୁ ୟୁଜିସି ହାରରେ ବେତନ ପାଉଥିବା ଶିକ୍ଷକମାନଙ୍କ ପାଇଁ ପ୍ରବର୍ତ୍ତନ କରାଯାଇଛି । ବିଭିନ୍ନ ବିଶ୍ୱବିଦ୍ୟାଳୟ, ସରକାରୀ ତଥା ବେସରକାରୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ 6000 ଶିକ୍ଷକ ଏହାର ସୁବିଧା ପାଇବେ ।

**ଗ) କ୍ୟାରିୟର ଆଡ୍‌ଭାନ୍ସମେଣ୍ଟ :**

ସରକାରୀ ମହାବିଦ୍ୟାଳୟମାନଙ୍କରେ 1137 ଜଣ ଓ ବେସରକାରୀ ମହାବିଦ୍ୟାଳୟମାନଙ୍କରେ ସମୁଦାୟ 200 ଜଣ ଅଧାପକଙ୍କୁ କ୍ୟାରିୟର ଅଡ୍‌ଭାନ୍ସମେଣ୍ଟ ଯୋଜନାରେ ଅଧାପକ (ସିନିୟର ଗ୍ରେଡ୍) ଏବଂ ପ୍ରାଧାପକ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଅଛି ।

**ଘ) କନିଷ୍ଠ ଅଧାପକ ପଦବୀ ପୂରଣ :**

ଓଡ଼ିଶା ଲୋକସେବା ଆୟୋଗଙ୍କୁ ଖାଲି ପଡ଼ିଥିବା 272ଟି କନିଷ୍ଠ ଅଧାପକ ପଦବୀ ଓ 352ଟି ଅଧାପକ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନୁରୋଧ କରିଛନ୍ତି । ଇତିମଧରେ ଲୋକସେବା ଆୟୋଗଙ୍କ ଅନୁମୋଦନ ଦ୍ୱାରା ରାଜ୍ୟ ସରକାର 01 ଗୋଟି ଅଧାପକ ଏବଂ 102 ଗୋଟି କନିଷ୍ଠ ଅଧାପକଙ୍କୁ ବିଭିନ୍ନ ସରକାରୀ କଲେଜମାନଙ୍କରେ ନିଯୁକ୍ତି ପ୍ରଦାନ କରିଛନ୍ତି ।

**ଙ) *PIMS* :**

ରାଜ୍ୟରେ ଥିବା ସମସ୍ତ ସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ତଥ୍ୟକୁ ସମ୍ମିଳିତ କରିବା ପାଇଁ ଏବଂ ମହାବିଦ୍ୟାଳୟ ସ୍ତରରେ ସେହି ତଥ୍ୟକୁ ବ୍ୟବହାର କରି ବିଭିନ୍ନ କାର୍ଯ୍ୟ (ଯଥା : ଦରମା ବିଲ୍, ବାକିଆ ବିଲ୍ ଇତ୍ୟାଦି) କରିବା ପାଇଁ Personal Information & Management System (PIMS)ର କାର୍ଯ୍ୟକାରୀ କରାଯାଇଛି । ଏହା ସହିତ ସରକାରୀ ସ୍ତରରେ କଲେଜମାନଙ୍କର ଖର୍ଚ୍ଚ, ବିଭିନ୍ନ କର୍ମଚାରୀଙ୍କ ସ୍ଥିତି ଇତ୍ୟାଦି ଜାଣିବା ପାଇଁ ମଧ PIMS ବ୍ୟବହାର କରାଯାଉଅଛି ।

ଚ) ରାଜ୍ୟ ସରକାର ବେସରକାରୀ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କର ଅପ୍‌ଗ୍ରେଡେସନ୍ ଓ ପଦୋନ୍ନତିର ସୁବିଧା ଯୋଗାଇଦେବାକୁ ଯାଇ ରାଜ୍ୟ ବେତନ ହାର ପ୍ରଦାନ ନିମନ୍ତେ ନୂତନ ଭାବେ ଓଡ଼ିଶା ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସ୍ଥାପନ ନିୟମ, 2014 ପ୍ରଚଳନ କରିଛନ୍ତି ।

## 4. ଛାତ୍ରଛାତ୍ରୀମାନଙ୍କ ସମ୍ପର୍କୀୟ ସୂଚନା :

### କ) e-Admission (SAMS) :

ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଉପରୁ ଆର୍ଥିକ ବୋଝ କମାଇବା ଓ ନାମ ଲେଖାଇବା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ନିମନ୍ତେ 2012-13 ଶିକ୍ଷାବର୍ଷଠାରୁ ସମସ୍ତ ସରକାରୀ ଓ ବେସରକାରୀ (+2) ମହାବିଦ୍ୟାଳୟରେ SAMS ବ୍ୟବସ୍ଥା ଲାଗୁ କରାଯାଇଛି । 2012-13 ଶିକ୍ଷାବର୍ଷରେ SC & ST ବିଭାଗ ଅଧିନସ୍ଥ ସମସ୍ତ +2 (ପ୍ରାୟ 1200) କନିଷ୍ଠ ମହାବିଦ୍ୟାଳୟମାନଙ୍କୁ e-Admission ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଛି । ସେହି ବର୍ଷ ପାଇଁ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ ପରସୋନେଲ୍ ଓ ସୂଚନା ପ୍ରଯୁକ୍ତି ବିଭାଗ ତରଫରୁ e-Admissionର ସଫଳତା ନିମନ୍ତେ ଏହି ବିଭାଗ ସ୍ୱର୍ଣ୍ଣ ପଦକ ହାସଲ କରିପାରିଛି । ଏହା ବ୍ୟତୀତ 2013-14 ଶିକ୍ଷାବର୍ଷଠାରୁ ରାଜ୍ୟର ସମସ୍ତ କନିଷ୍ଠ ମହାବିଦ୍ୟାଳୟ, ସ୍ନାତକ ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ (ସ୍ୱୟଂ ଅର୍ଥ ବ୍ୟବସ୍ଥା ମହାବିଦ୍ୟାଳୟ) ଗୁଡ଼ିକରେ ନାମ ଲେଖାଇବା ବ୍ୟବସ୍ଥାକୁ ମଧ୍ୟ SAMS ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଅଛି ।

### ଖ) ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ଓ ଫର୍ମ ପୂରଣ :

2011-12 ଶିକ୍ଷା ବର୍ଷରେ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ସମସ୍ତ +2 ଓ +3 ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ଓ ପରୀକ୍ଷା ଫର୍ମ ପୂରଣ କରିବା ପାଇଁ ପଦକ୍ଷେପ ପ୍ରଚଳନ ଫଳରେ ରାଜ୍ୟର ପ୍ରାୟ 5 ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବା ସଙ୍ଗେ ସଙ୍ଗେ ସେମାନେ ସେମାନଙ୍କର ରେଜିଷ୍ଟ୍ରେସନ୍ କାର୍ଡ଼ ଓ ଆଡ୍‌ମିଟ୍ କାର୍ଡ଼ ଉଚ୍ଚଶିକ୍ଷା ବିଭାଗର ୱେବ୍‌ସାଇଟ୍ www.dheorissa.inରୁ ସହଜରେ ସଂଗ୍ରହ କରିପାରୁଛନ୍ତି ।

### ଗ) ରାଗିଙ୍ଗ ପ୍ରତିକାର ବ୍ୟବସ୍ଥା :

ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟମାନଙ୍କୁ ରାଗିଙ୍ଗ ପ୍ରତିରୋଧ କରିବା ପାଇଁ ଏକ ପ୍ରକୋଷ୍ଠ ଗଠନ କରିବା ସଙ୍ଗେ ସଙ୍ଗେ ରାଗିଙ୍ଗ ଅଭିଯୋଗ ଥିବା ଛାତ୍ରଛାତ୍ରୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ଘ) ଛାତ୍ରୀମାନଙ୍କ ନିମନ୍ତେ ଆତ୍ମରକ୍ଷା କୌଶଳ :

ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ ଓଡ଼ିଶା ଯୁବନୀତି, 2013 ର ଏକ ବିଶେଷ କାର୍ଯ୍ୟକ୍ରମ । ତିରିଶ ଗୋଟି ଜିଲ୍ଲାର ପ୍ରାୟ ତିନି ଲକ୍ଷ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବାର ଲକ୍ଷ୍ୟ ନେଇ ଏହା ପ୍ରଚଳନ ହୋଇଥିଲା । ଏଥିପାଇଁ ଓଡ଼ିଶା ସରକାର ପ୍ରଥମେ 06 କୋଟି ଟଙ୍କା ପ୍ରଦାନ କରିବା ସଂଗେ ସଂଗେ 600 ଜଣ ଆତ୍ମରକ୍ଷା କୌଶଳ ତାଲିମଦାତା ସୃଷ୍ଟି କରିଥିଲେ । ବର୍ତ୍ତମାନ 2015-16 ରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଉତ୍ତମ ଆତ୍ମରକ୍ଷା କୌଶଳ ତାଲିମନବିଶ, ଉତ୍ତମ ପ୍ରଶିକ୍ଷାର୍ଥୀ, ଉତ୍ତମ ସମନ୍ୱୟକାରୀ, ଉତ୍ତମ ଅଧ୍ୟକ୍ଷ ଏବଂ ଉତ୍ତମ ପରାମର୍ଶଦାତାଙ୍କ ପାଇଁ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରାଯାଇଛି ।





ଙ) ଇ-ଛାତ୍ରବୃତ୍ତି :

ମେଧାବୀ ତଥା ଗରିବ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଓ ବୈଷୟିକ ଏବଂ ପେଶାଗତ ଶିକ୍ଷାଲାଭ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତିବର୍ଷ ବିଭିନ୍ନ ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି । ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ 2010-11 ଆର୍ଥିକ ବର୍ଷଠାରୁ ରାଜ୍ୟ ସରକାର ବୃତ୍ତିଗୁଡ଼ିକର ହାର ଓ ସଂଖ୍ୟା ବୃଦ୍ଧି କରିବା ସହ ଆବଶ୍ୟକ ହେଉଥିବା କ୍ଷେତ୍ରରେ ପିତାମାତାଙ୍କର ବାର୍ଷିକ ଆୟ 6.00 ଲକ୍ଷ ଧାର୍ଯ୍ୟ କରାଯାଇଛି । ପ୍ରତି ବର୍ଷ 10000 କନିଷ୍ଠ ମେଧାବୃତ୍ତି, 3000 ବରିଷ୍ଠ ମେଧାବୃତ୍ତି ଓ 1500 ସ୍ନାତକୋତ୍ତର ମେଧାବୃତ୍ତି ଜଣ ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ଯଥାକ୍ରମେ 3000.00 ଟଙ୍କା, 5000.00 ଟଙ୍କା ଓ 10000.00 ଟଙ୍କା ପ୍ରଦାନ କରାଯାଉଛି । ରାଜ୍ୟ ସରକାର 2008-09 ଆର୍ଥିକ ବର୍ଷଠାରୁ ବିଭିନ୍ନ ପେଷାଗତ ଓ ବୈଷୟିକ ଶିକ୍ଷାରେ ଉଚ୍ଚଶିକ୍ଷା ପାଇଁ 'ମେଧା ଛାତ୍ରବୃତ୍ତି' ପ୍ରଚଳନ କରିଛନ୍ତି । ଉକ୍ତ ମେଧା ଛାତ୍ରବୃତ୍ତି 10000 ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ 10000 ଟଙ୍କା ହାରରେ ଦେବାପାଇଁ ସ୍ଥିର କରାଯାଇଅଛି ।

ଏଥିପାଇଁ କନିଷ୍ଠ ମେଧାବୃତ୍ତି, ବରିଷ୍ଠ ମେଧାବୃତ୍ତି ଓ ସ୍ନାତକୋତ୍ତର ମେଧାବୃତ୍ତି ପାଇଁ ପୃଥକ ପୃଥକ ଦରଖାସ୍ତ ଫର୍ମ ବଦଳରେ ଗୋଟିଏ ଆବେଦନ ପତ୍ର ଅନ୍‌ଲାଇନ୍ (Official website: www.emedhabruti.org) ଜରିଆରେ ଆବେଦନ କରିପାରିବେ ।

Girl's Merit Scholarship Scheme ମାଧ୍ୟମରେ ଉଚ୍ଚଶିକ୍ଷା ଓ ଉଚ୍ଚ ବୈଷୟିକ ଏବଂ ପେଷାଗତ ଶିକ୍ଷାଲାଭ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତିବର୍ଷ 44 ଜଣ ଛାତ୍ରୀଙ୍କୁ 12,000/- ଲେଖାଏଁ ମେଧାବୃତ୍ତି ପ୍ରଦାନ କରାଯାଉଅଛି । ଉଚ୍ଚଶିକ୍ଷା ବିଭାଗ Interest Subvention Scheme ମାଧ୍ୟମରେ ବ୍ୟାଙ୍କଠାରୁ ଶିକ୍ଷା ଋଣ ନେଇଥିବା ଛାତ୍ରମାନଙ୍କୁ 4% ତଥା ଛାତ୍ରୀମାନଙ୍କୁ 6% ସୁଧ ଉପରେ ରିହାତି ଦେବାର ବ୍ୟବସ୍ଥା କରିଛନ୍ତି ।

ଚ) ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ :

ଆମ ରାଜ୍ୟର ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଗଠନ ଶୃଙ୍ଖଳା ଜ୍ଞାନ, ନେତୃତ୍ୱ, ସାହସ ନିଃସ୍ୱାର୍ଥପର ସେବା ତଥା ଭବିଷ୍ୟତରେ ସୈନିକ ହେବାର ମନୋବୃତ୍ତି ବୃଦ୍ଧି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଭାରତ ସରକାର ଓ ରାଜ୍ୟ ସରକାରଙ୍କର ମିଳିତ ଉଦ୍ୟମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (NCC) କାର୍ଯ୍ୟ କରିଆସୁଅଛି । ସମ୍ପ୍ରତି 184 ଟି ମହାବିଦ୍ୟାଳୟ ଓ 614ଟି ଉଚ୍ଚ ବିଦ୍ୟାଳୟର ସର୍ବମୋଟ 55,679 ଜଣ ଛାତ୍ରଛାତ୍ରୀ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଅଧିକ ସଂପ୍ରସାରିତ କରିବା ପାଇଁ ରାଜ୍ୟ ସରକାର କେ.ବି.କେ. ଅଞ୍ଚଳର ରାୟଗଡ଼ା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ 3 ଗୋଟି ନୂତନ NCC Unit ସ୍ଥାପନ କରିଛନ୍ତି । ଏତଦ୍‌ବ୍ୟତୀତ କେନ୍ଦୁଝରଠାରେ ଏକ NCC Battalion ଖୋଲାଯାଇଛି । ଏହି କାର୍ଯ୍ୟକ୍ରମର ବିକାଶ ପାଇଁ ରାଜ୍ୟ ସରକାର 2015-16 ଆର୍ଥିକ ବର୍ଷରେ 17,86,32,000/- ଟଙ୍କା ମଞ୍ଜୁର କରିଛନ୍ତି । ଆମ ରାଜ୍ୟର ଶିକ୍ଷାର୍ଥୀମାନେ ଜାତୀୟ ସ୍ତରରେ ଜାତୀୟ ସଂହିତ ଶିବିର, ସାଧାରଣ ଦିବସ ଶିବିର ତଥା ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରୁଛନ୍ତି । କ୍ୟାଡେଟ୍‌ମାନେ ସେମାନଙ୍କର NCC କାର୍ଯ୍ୟକଳାପ ସମେତ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଯଥା:- ବନୀକରଣ, ପରିମଳ, ରକ୍ତଦାନ, ଟୀକାକରଣ ଏବଂ HIV ଓ AIDS ଭଳି ଜନ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ।

## ଛ) ଜାତୀୟ ସେବା ଯୋଜନା :

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ 7:5 ଆର୍ଥିକ ସହାୟତାରେ ଜାତୀୟ ସେବା ଯୋଜନା (NSS) ରାଜ୍ୟର 11 ଗୋଟି ବିଶ୍ୱବିଦ୍ୟାଳୟ, ଗୋଟିଏ ଡିମ୍‌ଡ ବିଶ୍ୱବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ନବୋଦୟ ବିଦ୍ୟାଳୟରେ 1,06,500 ସ୍ୱେଚ୍ଛାସେବୀଙ୍କୁ ନେଇ କାର୍ଯ୍ୟକାରୀ କରାଯାଉଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମାଧ୍ୟମରେ ସି.ବି.ଏସ୍.ଇର +2 ବିଦ୍ୟାର୍ଥୀଙ୍କ ପାଇଁ ପଲିଟେକ୍‌ନିକ୍ ଏବଂ ଆଦିବାସୀ, ହରିଜନ ଉନ୍ନୟନ ବିଭାଗ ଅଧୀନରେ ଥିବା ଏକଲବ୍ୟ ମଡେଲ ସ୍କୁଲଗୁଡିକରେ NSS କାର୍ଯ୍ୟକାରୀ ପାଇଁ ବିଧିବଦ୍ଧ ଭାବେ ଅନୁମତି ପ୍ରଦାନ କରାଯାଇଛି । ଏହି ଯୋଜନା ସ୍ୱେଚ୍ଛାସେବୀମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଗୁରୁତ୍ୱ ଦେଉଅଛି ଏବଂ ଏହି ୟୁନିଟଗୁଡିକ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଯଥା :- ବନୀକରଣ, ଜଳ ସଂରକ୍ଷଣ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । 2015-16 ଆର୍ଥିକ ବର୍ଷରେ ଏହିସବୁ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର 4.06 କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି । ଚଳିତ ବର୍ଷ ସ୍ୱେଚ୍ଛାସେବୀମାନେ ରକ୍ତଦାନ, ବୃକ୍ଷ ରୋପଣ, AIDS ସଚେତନତା ଇତ୍ୟାଦି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି ।







ଗତ 2014-15 ବର୍ଷରେ ଭାରତ ନିର୍ବାଚନ ଆୟୋଗ, ନୂଆଦିଲ୍ଲୀଙ୍କ ଦ୍ୱାରା ମନୋନୀତ ହୋଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଜାତୀୟ ସେବା ଯୋଜନା ମାନ୍ୟବର ପୂର୍ବତନ ରାଷ୍ଟ୍ରପତି ଡଃ. ଏ.ପି.ଜେ. ଅବଦୁଲ କାଲାମଙ୍କଠାରୁ ସାଧାରଣ ନିର୍ବାଚନ-2014 ପାଇଁ ଭୋଟରମାନଙ୍କୁ ମତଦାନ ସଂପର୍କରେ ଉତ୍ତମ ଶିକ୍ଷା ଓ ଅବଗତି ନିମିତ୍ତ ଜାତୀୟ ବେସାମରିକ ସମିତି ସଂସ୍ଥା ପୁରସ୍କାର- 2014 ତା 25.01.2015 ରିଖ (ମତଦାନ ଦିବସ)ରେ ଲାଭ କରିଅଛି । ଏତଦ୍‌ବ୍ୟତୀତ 2014-15 ବର୍ଷରେ ଓଡ଼ିଶାରୁ ଜଣେ Programme Officer ଏବଂ ଉକ୍ତ କଲେଜର ଅଧକ୍ଷ ତଥା ଜଣେ ପୁରୁଷ ସ୍ୱେଚ୍ଛାସେବୀ ଓ ଜଣେ ମହିଳା ସ୍ୱେଚ୍ଛାସେବୀ ସମ୍ମାନଜନକ ଜାତୀୟ ଇନ୍ଦିରା ଗାନ୍ଧୀ ପୁରସ୍କାର ଲାଭ କରିଛନ୍ତି ।

## ଜ) ଯୁବ ରେଡକ୍ରସ୍ :

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଭାରତୀୟ ରେଡ୍‌କ୍ରସ ସଂସ୍ଥାର ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ +2 ଶିକ୍ଷାନୁଷ୍ଠାନମାନଙ୍କରେ ରେଡ୍‌କ୍ରସ୍ ଯୋଜନା ପ୍ରବର୍ତ୍ତନ କରାଯାଇଅଛି । ରାଜ୍ୟରେ ଯୁବ ରେଡକ୍ରସ୍ HIV / AIDS ଓ ସଂକ୍ରାମକ ରୋଗର ନିରାକରଣ ପାଇଁ ଜନ ସଚେତନତା ବୃଦ୍ଧି ତଥା ସ୍ୱାସ୍ଥ୍ୟ ଓ ବିପର୍ଯ୍ୟୟ ସଂପର୍କୀୟ ତାଲିମ୍ ଓ ରକ୍ତଦାନ କ୍ଷେତ୍ରରେ ପ୍ରଶଂସନୀୟ ଭୂମିକା ନିର୍ବାହ କରୁଛନ୍ତି । 2015-16 ଆର୍ଥିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର 20.00 ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

## ଝ) ରୋଭର୍ସ ଓ ରେଞ୍ଜର୍ସ :

ଭାରତ ସ୍କାଉଟ ଓ ଗାଇଡ୍‌ସ୍ ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ରୋଭର୍ସ ଓ ରେଞ୍ଜର୍ସ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି । ଏହି ଅନୁଷ୍ଠାନ ଭବିଷ୍ୟତ ନାଗରିକମାନଙ୍କର ଚରିତ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଅଛି । 2015-16 ଆର୍ଥିକ ବର୍ଷରେ ରାଜ୍ୟ ସରକାର ଉକ୍ତ କାର୍ଯ୍ୟକ୍ରମ ପାଇଁ 20.00 ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

### 5. ଇ-ଡେସ୍‌ପାଚ୍ :

ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗର ନିର୍ଗମନ ଉପବିଭାଗର କାର୍ଯ୍ୟାବଳି ସହଜ ଓ ସରଳ କରିବାପାଇଁ କମ୍ପ୍ୟୁଟର ଭିତ୍ତିକ ନିର୍ଗମନ ବ୍ୟବସ୍ଥାକୁ ଇ-ଡେସ୍‌ପାଚ୍ ମାଧ୍ୟମରେ କରାଯାଉଅଛି । ଏହି ପ୍ରକ୍ରିୟା ଦ୍ୱାରା ନିର୍ଗମନ ଉପବିଭାଗ ଦ୍ୱାରା ନିର୍ଗମନ ହେଉଥିବା ଚିଠିଗୁଡ଼ିକୁ ବିଭାଗର ୱେବ୍‌ସାଇଟ୍ www.dheorissa.inରେ ଅପ୍‌ଲୋଡ୍ କରାଯିବା ଫଳରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରୁଛି । ଏହା ଫଳରେ ମହାବିଦ୍ୟାଳୟ ଓ ସାଧାରଣ ଲୋକମାନେ ନିର୍ଗମନ ହୋଇଥିବା ତଥ୍ୟକୁ ଉକ୍ତ ୱେବ୍‌ସାଇଟରୁ ଡାଉନ୍‌ଲୋଡ୍ କରି ଉପକୃତ ହୋଇପାରୁଛନ୍ତି । ଏହି ପ୍ରକ୍ରିୟାରେ ଦୈନିକ ପ୍ରାୟ **200**ରୁ ଅଧିକ ଚିଠି ପଠାଯାଇପାରୁଛି ।

### 6. Low GER ଜିଲ୍ଲାରେ ସରକାରୀ ମଡ଼େଲ ସ୍ନାତକ ମହାବିଦ୍ୟାଳୟ :

ଜାତୀୟ ଉନ୍ନୟନ ପରିଷଦଙ୍କ ନିଷ୍ପତ୍ତି ଅନୁସାରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା low GER ଜିଲ୍ଲା ଯଥା : ବୌଦ୍ଧ , ଦେବଗଡ଼, ମାଲକାନାଗିରି, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା ଓ ସୁବର୍ଣ୍ଣପୁରରେ ଆପାତତଃ ଗୋଟିଏ ଲେଖାଏଁ ସରକାରୀ ମଡ଼େଲ ସ୍ନାତକ ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ଉଚ୍ଚଶିକ୍ଷାର ବିକାଶରେ ଏକ ବଳିଷ୍ଠ ପ୍ରୟାସ । ଉପରୋକ୍ତ ସମସ୍ତ 8ଟି ଜିଲ୍ଲାରେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ସ୍ଥାପନ ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ଜରିଆରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ।

### 7. ଗୋଷ୍ଠୀ ମହାବିଦ୍ୟାଳୟ ସ୍ଥାପନ

ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ PPP ମାଧ୍ୟମରେ 7 ଗୋଟି ଗୋଷ୍ଠୀ ମହାବିଦ୍ୟାଳୟ (Community College) ଖୋଲିବା ପାଇଁ 7 ଗୋଟି ସ୍ୱୟଂଶାସିତ ମହାବିଦ୍ୟାଳୟମାନଙ୍କରେ ଖୋଲାଯାଇ ଶିକ୍ଷାଦାନ ବ୍ୟବସ୍ଥା ଚାଲୁଅଛି । ଉକ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକୁ ଡିପ୍ଲୋମା ପାଠ୍ୟକ୍ରମ ଖୋଲିବା ପାଇଁ 2014-15 ଆର୍ଥିକ ବର୍ଷରେ ପ୍ରତ୍ୟେକ ମହାବିଦ୍ୟାଳୟକୁ 21 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି । 2015-16 ଶିକ୍ଷା ବର୍ଷରେ 350 ଜଣ ଛାତ୍ରଛାତ୍ରୀ କୃତୀତ୍ୱର ସହିତ ଏହି ଡିପ୍ଲୋମା ପାଠ୍ୟକ୍ରମ ଶେଷ କରିଛନ୍ତି ।

### 8. ଜିଲ୍ଲା ପର୍ଯ୍ୟାଲୋଚନା ପ୍ରକୋଷ୍ଠ

ଉଚ୍ଚଶିକ୍ଷା ବିଭାଗ ଉଚ୍ଚଶିକ୍ଷାର ଗୁଣବତ୍ତା ବଜାୟ ରଖିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ 17 ଗୋଟି ପର୍ଯ୍ୟାଲୋଚନା ପ୍ରକୋଷ୍ଠ ପ୍ରତିଷ୍ଠା କରାଯାଇ ଜିଲ୍ଲା ପରାମର୍ଶଦାତାଙ୍କ ଦ୍ୱାରା ପରିଚାଳନା କରାଯାଇଅଛି । ଜିଲ୍ଲା ପରାମର୍ଶଦାତାମାନେ ଆଞ୍ଚଳିକ ଭିତ୍ତିରେ ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଡକାଇ ଶିକ୍ଷାର ଗୁଣବତ୍ତା ବଳବତ୍ତର ରଖିବା ପାଇଁ ପ୍ରୟାସ କରୁଛନ୍ତି ।

### 9. ନୂତନ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ

କ) ରାଜ୍ୟ ସରକାରଙ୍କ ଉଦ୍ୟମ ଫଳରେ କୋରାପୁଟ ଜିଲ୍ଲାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି । ପୁନଶ୍ଚ ଭାରତ ସରକାରଙ୍କର ଆଣବିକ ଶକ୍ତି ବିଭାଗ ଅଧୀନରେ ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ, ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (NISER) ପ୍ରତିଷ୍ଠା ହୋଇ 2007-08 ଶିକ୍ଷାବର୍ଷଠାରୁ ପାଠପଢ଼ା କାର୍ଯ୍ୟ ଆରମ୍ଭ ହୋଇଅଛି ।

ଖ) ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱରସ୍ଥିତ Institute of Information Technology ଢାଞ୍ଚାରେ Sambalpur University Institute of Information Technology (SUIIT) ସ୍ଥାପନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ଗ) ରାଜ୍ୟ ସରକାର 2011 ବର୍ଷରେ ସେଞ୍ଚୁରିୟନ୍ ୟୁନିଭରସିଟି ଅଫ୍ ଟେକ୍‌ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ୍ ଓଡ଼ିଶାରେ ପ୍ରତିଷ୍ଠା କରିଛନ୍ତି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଅଛନ୍ତି । ଏହା ବ୍ୟତୀତ ରାଜ୍ୟରେ ପାଖାପାଖି 12ରୁ ଅଧିକ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ସ୍ଥାପନ ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ସକ୍ରିୟ ବିଚାରାଧୀନ ଅଛି । ଇତି ମଧ୍ୟରେ ରାଜ୍ୟ ବିଧାନସଭାରେ ପାରିତ ହୋଇଥିବା ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ବିଲ ମହାମହିମ ରାଜ୍ୟପାଳଙ୍କ ସମ୍ମତି ଲାଭ କରିଅଛି ।

## 10. ଭିତ୍ତିଭୂମିର ବିକାଶ

### (କ) ରାଜ୍ୟ ଯୋଜନାରେ ବ୍ୟୟବରାଦ

2016-17 ଆର୍ଥିକ ବର୍ଷରେ ଉଚ୍ଚଶିକ୍ଷା ବିଭାଗ ପାଇଁ ରାଜ୍ୟ ଯୋଜନାରେ 957.20 କୋଟି, ଅଣଯୋଜନାରେ 1239.80 କୋଟି, କେନ୍ଦ୍ରୀୟ ଯୋଜନାରେ 50.00 ଲକ୍ଷ ଟଙ୍କା ଏହିଭଳି ସର୍ବମୋଟ୍ 2197.50 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଅଛି । ଏଥି ମଧ୍ୟରୁ ବିଶ୍ୱବିଦ୍ୟାଳୟମାନଙ୍କର ଭିତ୍ତିଭୂମିର ବିକାଶ ପାଇଁ 95.00 କୋଟି ଟଙ୍କା, ସରକାରୀ ମହାବିଦ୍ୟାଳୟ ପାଇଁ 70.00 କୋଟି ଟଙ୍କା, ବେସରକାରୀ ମହାବିଦ୍ୟାଳୟ ପାଇଁ 30.00 କୋଟି ଟଙ୍କା, ବୈଷୟିକ ବୃତ୍ତି ପାଇଁ 41.50 କୋଟି ଟଙ୍କା, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କର ବ୍ଲକ୍‌ଗ୍ରାଣ୍ଟ ପାଇଁ 360.00 କୋଟି ଟଙ୍କା, ମେଧାବୀ ଛାତ୍ରୀମାନଙ୍କୁ ଲାପଟପ ଯୋଗାଇବା ବାବଦରେ 34.00 କୋଟି ଟଙ୍କା । ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ବାବଦକୁ 5.60 କୋଟି ଟଙ୍କା ଓ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ବାବଦରେ 175.45 କୋଟି ଟଙ୍କା ଅନ୍ତର୍ଭୁକ୍ତ ।

### ଖ) ମହାବିଦ୍ୟାଳୟମାନଙ୍କର ସଂପୂର୍ଣ୍ଣ ତଥ୍ୟ ଓ ଭିତ୍ତିଭୂମିର ବିକାଶ :

ମହାବିଦ୍ୟାଳୟଗୁଡ଼ିକର ସଂପୂର୍ଣ୍ଣ ତଥ୍ୟ ଓ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର କାଉନ୍‌ସିଲ ଅଟୋମେସନ୍ ଇନିସିଏଟିଭ୍ ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଏହି ବ୍ୟବସ୍ଥାରେ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ଉନ୍ନତିକରଣ ବ୍ୟବସ୍ଥାକୁ ଇ-ସ୍ପେସ୍ ସଫ୍‌ଟଓୟାର ମାଧ୍ୟମରେ ଅବଗତ ହୋଇପାରୁଛନ୍ତି । ଏହି ତଥ୍ୟକୁ ଆଧାର କରି ରାଜ୍ୟ ସରକାର ମହାବିଦ୍ୟାଳୟଗୁଡ଼ିକର ପ୍ରୟୋଗଶାଳା ଓ କୋଠାବାଡ଼ିର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଅଛି ଏବଂ ଏହି ତଥ୍ୟ ମାଧମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ପାଇଁ ନିର୍ଦ୍ଧାରିତ କେନ୍ଦ୍ରର ତଥ୍ୟ ହସ୍ତଗତ କରିପାରୁଛନ୍ତି

## 11. ନୂତନ ଯୋଜନା :

### (୧) ପ୍ରସାରଣ:

କ) ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଗଠନ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯାଇଅଛି ।

ଖ) ନୂତନ ଶିକ୍ଷାନୀତି ପ୍ରଣୟନ ଏବଂ ରାଜ୍ୟର ଉଚ୍ଚଶିକ୍ଷା ନୀତି ନିର୍ଦ୍ଧାରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି

ଗ) ରମାଦେବୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର ଏବଂ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ବଲପୁରକୁ ବିଶ୍ୱବିଦ୍ୟାଳୟ ରୂପେ ଉନ୍ନତି କରାଯାଇଅଛି ।

ଘ) ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରଠାରେ ପ୍ରତିଷ୍ଠା କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯାଇଅଛି ।

ଙ) ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ, କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର ଏବଂ ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼କୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ଅନୁଯାୟୀ ମଡେଲ ଡିଗ୍ରୀ କଲେଜ ଭାବେ ଉନ୍ନୀତ କରାଯାଇଅଛି ।

ଚ) ବୌଦ୍ଧ, ଦେବଗଡ଼, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା ଏବଂ ସୋନପୁରଠାରେ ନୂତନ ଭାବେ Model Degree College ଖୋଲାଯାଇଅଛି ।

ଛ) Gross Enrolment Ratio (GER) ବର୍ତ୍ତମାନ 17.5% ରୁ 2020 ମସିହା ସୁଦ୍ଧା 30% କୁ ବୃଦ୍ଧି କରିବା ପାଇଁ 1 ଲକ୍ଷ 20 ହଜାର ସିଟ୍ କନିଷ୍ଠ ମହାବିଦ୍ୟାଳୟମାନଙ୍କରେ ଏବଂ 54 ହଜାର ସିଟ୍ ଡିଗ୍ରୀ ମହାବିଦ୍ୟାଳୟମାନଙ୍କରେ ବୃଦ୍ଧି କରାଯାଇଅଛି ।

## ୨) ଭିତ୍ତିଭୂମି

କ) ବିଶ୍ୱବିଦ୍ୟାଳୟ ଓ କଲେଜମାନଙ୍କରେ ଛାତ୍ରୀମାନଙ୍କ ରହିବା ପାଇଁ 20 ହଜାର ହଷ୍ଟେଲ ସିଟ୍‌ର ବ୍ୟବସ୍ଥା କରାଯିବ ।

ଖ) ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ନିମନ୍ତେ ପ୍ରତ୍ୟେକ କଲେଜକୁ 10 ଲକ୍ଷ ଟଙ୍କା (ଉନ୍ନତ ଅଞ୍ଚଳ) ଏବଂ 12 ଲକ୍ଷ ଟଙ୍କା (ଅନୁନ୍ନତ ଅଞ୍ଚଳ) ଲେଖାଏଁ ଅନୁଦାନ ଦିଆଯାଉଅଛି ।

ଗ) ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ଧନ୍ଦାମୂଳକ ମହାବିଦ୍ୟାଳୟ ମାନଙ୍କରେ ଥିବା ପ୍ରୟୋଗଶାଳାର ଉନ୍ନତିକରଣ ନିମନ୍ତେ ରାଜ୍ୟ ବଜେଟ୍‌ରେ ଅର୍ଥର ବ୍ୟବସ୍ଥା କରାଯାଇଅଛି ।

ଘ) ଇଂରାଜୀ ଭାଷାରେ କଥିତ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ 93 ଗୋଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ Language Labortory ପ୍ରତିଷ୍ଠା କରାଯାଇଅଛି । ଇତିମଧ୍ୟରୁ 25 ଗୋଟି ମହାବିଦ୍ୟାଳୟରେ Pilot basis ରେ Communication Skill in English Language ବୃଦ୍ଧି ପାଇଁ ସ୍ୱଳ୍ପମିଆଦି ପାଠ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି ।

ଙ) ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ବିଶ୍ୱବିଦ୍ୟାଳୟମାନଙ୍କରେ Human Resource Development Centre ପ୍ରତିଷ୍ଠା କରାଯାଇଅଛି ।

ଚ) ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଶିକ୍ଷା ଓ ଗବେଷଣାର ଅଭିବୃଦ୍ଧି ପାଇଁ Human Instrumentation Centre ପ୍ରତିଷ୍ଠା କରାଯାଇଅଛି ।

## ୩) ନିଯୁକ୍ତି

କ) ସରକାରୀ ଡିଗ୍ରୀ ଓ କନିଷ୍ଠ ମହାବିଦ୍ୟାଳୟମାନଙ୍କରେ 339 ଜଣ adhoc ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଅଛି ।

ଖ) ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ମନୋନୀତ ହୋଇଥିବା 101 ଜଣ କନିଷ୍ଠ ଅଧ୍ୟାପକଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ପ୍ରଥମ ଥର ପାଇଁ Induction Training ଦିଆଯାଇ ବିଭିନ୍ନ ସରକାରୀ କନିଷ୍ଠ ମହାବିଦ୍ୟାଳୟମାନଙ୍କରେ ନିଯୁକ୍ତି ଦିଆଯାଇଅଛି ।

ଗ) ଓଡ଼ିଶା ଲୋକସେବା ଆୟୋଗ 352 ଜଣ ଡିଗ୍ରୀ କଲେଜ ଅଧ୍ୟାପକ ପଦବୀ ପାଇଁ ସାକ୍ଷାତକାର କାର୍ଯ୍ୟକ୍ରମ ସମାପ୍ତ କରିଅଛନ୍ତି ।

ଘ) ବିଶ୍ୱବିଦ୍ୟାଳୟମାନଙ୍କରେ 426 ଗୋଟି ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ।

ଙ) ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଖାଲିପଡ଼ିଥିବା 1625 ଗୋଟି ଶିକ୍ଷକ ପଦବୀ ପୂରଣ ପାଇଁ ଏଥି ମଧ୍ୟରେ State Selection Board ମାଧ୍ୟମରେ ଲିଖିତ ପରୀକ୍ଷା ଶେଷ ହୋଇଅଛି ।

ଚ) ସରକାରୀ କଲେଜମାନଙ୍କରେ 274 ଗୋଟି ଅଣଶିକ୍ଷକ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଅଛି ।

## ୪. ସମାନତା

କ) ଶିକ୍ଷା କ୍ଷେତ୍ରରେ ST ଏବଂ SC ଛାତ୍ରଛାତ୍ରୀମାନଙ୍କର ପ୍ରବେଶର ସୁଯୋଗ ସୃଷ୍ଟି କରିବାପାଇଁ ସଂରକ୍ଷଣର ହାର ଯଥାକ୍ରମେ 8% ରୁ 16.25% ଏବଂ 12% ରୁ 22.50% କୁ ବୃଦ୍ଧି କରାଯାଇଅଛି ।

ଖ) ଉଚ୍ଚଶିକ୍ଷା ନିମନ୍ତେ Interest Subvention Scheme ମାଧ୍ୟମରେ ବ୍ୟାଙ୍କଠାରୁ ଶିକ୍ଷା ଋଣ ନେଇଥିବା ଛାତ୍ରମାନଙ୍କୁ 4% ତଥା ଛାତ୍ରୀମାନଙ୍କୁ 6% ସୁଧ ଉପରେ ରିହାତି ଦେବାର ବ୍ୟବସ୍ଥା କରାଯାଇଛି ।

ଗ) 2016 ମସିହା ସୁଦ୍ଧା ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ e-content through Virtual Tutorial ମାଧ୍ୟମରେ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇ 2016-17 ଶିକ୍ଷାବର୍ଷଠାରୁ ଲାଗୁ କରାଯିବ ।

## ୫. ଗୁଣାତ୍ମକ ବିକାଶ

କ) State Quality Assurance Cell ଗଠନ କରାଯାଇ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କର NAAC Accreditation ବ୍ୟବସ୍ଥାର monitoring କରାଯାଉଅଛି ।

ଖ) ମହାବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ବକ୍ତୃତା, ଗୋଷ୍ଠୀ ଆଲୋଚନାର ଆୟୋଜନ କରାଯାଉଅଛି ।

ଗ) ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ 32 ଗୋଟି ସ୍ୱୟଂଶାସିତ ମହାବିଦ୍ୟାଳୟମାନଙ୍କରେ 2015-16 ଶିକ୍ଷାବର୍ଷଠାରୁ Choice Based Credit System (CBCS) ବ୍ୟବସ୍ଥା ଲାଗୁ କରାଯାଇଅଛି ଏବଂ 2016-17 ଶିକ୍ଷାବର୍ଷଠାରୁ ଏହା ସମସ୍ତ ଡିଗ୍ରୀ ମହାବିଦ୍ୟାଳୟମାନଙ୍କରେ ଲାଗୁ କରାଯିବା ପାଇଁ ବ୍ୟବସ୍ଥା କରାଯାଉଅଛି ।

ଘ) Skill Integration ପାଇଁ 12 ଗୋଟି ଧନ୍ଦାମୂଳକ ବିଷୟକୁ 2015-16 ଶିକ୍ଷାବର୍ଷରେ +2 ସ୍ତରରେ ଏବଂ 10 ଗୋଟି ଧନ୍ଦାମୂଳକ ବିଷୟକୁ ଡିଗ୍ରୀ ମହାବିଦ୍ୟାଳୟମାନଙ୍କର ପାଠ୍ୟକ୍ରମରେ ସାମିଲ କରାଯାଇଅଛି ।

ଙ) Tata Institute of Social Science ଆନୁକୂଲ୍ୟରେ ବାଲୁଗାଁ, ଚଣ୍ଡିଖୋଲ ଏବଂ City Women's College, ଭୁବନେଶ୍ୱରର ଛାତ୍ରଛାତ୍ରୀମାନଙ୍କୁ Pilot basis ରେ training ପ୍ରଦାନ କରାଯାଉଅଛି । ଏତଦ୍‌ବ୍ୟତୀତ ଧନ୍ଦାମୂଳକ ମହାବିଦ୍ୟାଳୟ ଶିକ୍ଷକମାନଙ୍କୁ Centurion University of Technology ଏବଂ CIPET ମାଧ୍ୟମରେ training ଦେବାର ବ୍ୟବସ୍ଥା କରାଯାଇଅଛି ।

ଚ) ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟମାନଙ୍କର କୁଳପତି, କୁଳସଚିବ, କଲେଜ ଅଧ୍ୟକ୍ଷମାନଙ୍କୁ ନେଇ Leadership Development Programme ଆରମ୍ଭ କରାଯାଇଅଛି ।

ଛ) ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ College Accounting Procedure Automation (CAPA) ଆରମ୍ଭ କରାଯାଇଅଛି ।

ଜ) ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ଦ୍ୱାରା Students Advisory Bureau, Career Counselling Cell, Placement Cell, Internal Quality Assurance Cell ଏବଂ Equal Opportunity Cell ଖୋଲାଯାଇଅଛି ।

ଝ) 2015-16 ଶିକ୍ଷାବର୍ଷରେ 2 ଲକ୍ଷ 50 ହଜାର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରାଯାଇଅଛି ।

ଞ) ବିଗତ ତିନି ବର୍ଷଧରି +2 ପରୀକ୍ଷାରେ ପାସ୍ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପ୍ରତିବର୍ଷ 15000 ଲାପ୍‌ଟପ୍ ବଣ୍ଟନ କରାଯାଇଅଛି ।

ଟ) Right to Public Service ରେ 39 ଗୋଟି ସେବାକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

### ୬) ଇ-ଗଭର୍ଣ୍ଣାନ୍ସ୍

କ) **ଇ-ଆଡ୍‌ମିସନ** : ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଉପରୁ ଆର୍ଥିକ ବୋଝ କମାଇବା ଓ ନାମ ଲେଖାଇବା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ନିମନ୍ତେ ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟମାନଙ୍କରେ SAMS ବ୍ୟବସ୍ଥା ଲାଗୁ କରାଯାଇଛି ।

ଖ) **ଇ-ଡେସ୍‌ପାଚ୍** : ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗର ନିର୍ଗମନ ଉପବିଭାଗର କାର୍ଯ୍ୟାବଳୀ ସହଜ ଓ ସରଳ କରିବା ପାଇଁ କମ୍ପ୍ୟୁଟର ଭିତ୍ତିକ ନିର୍ଗମନ ବ୍ୟବସ୍ଥାକୁ ଇ-ଡେସ୍‌ପାଚ୍ ମାଧ୍ୟମରେ କରାଯାଉଅଛି ।

ଗ) **ଇ-ଛାତ୍ରବୃତ୍ତି** : ମେଧାବୀ ତଥା ଗରିବ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଓ ଉଚ୍ଚ ବୈଷୟିକ ଏବଂ ପେଶାଗତ ଶିକ୍ଷାଲାଭ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତିବର୍ଷ ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି । ଏହାକୁ ସହଜ ଓ ସରଳ କରିବା ନିମନ୍ତେ on-line ବ୍ୟବସ୍ଥା କରାଯାଇଅଛି । ଏହି ଯୋଜନାରେ ପ୍ରତିବର୍ଷ 24,500 ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି ।

୭) ସର୍ବଭାରତୀୟ ଉଚ୍ଚଶିକ୍ଷା ସର୍ଭେ କାର୍ଯ୍ୟକ୍ରମରେ ଅଳ୍ପ କିଛି ରାଜ୍ୟ ଭିତରେ ଓଡ଼ିଶା 2014-15 ଶିକ୍ଷାବର୍ଷରେ ଶତ ପ୍ରତିଶତ data uploading କରିବାରେ ସଫଳତା ହାସଲ କରିଛି । ସେହିପରି 20 ମାର୍ଚ୍ଚ 2016 ସୁଦ୍ଧା 2015-16 ଶିକ୍ଷାବର୍ଷ ପାଇଁ 95 ଭାଗ ମହାବିଦ୍ୟାଳୟ ଓ 90 ଭାଗ ବିଶ୍ୱବିଦ୍ୟାଳୟ ଉପରୋକ୍ତ ସର୍ଭେରେ data upload କରିସାରିଛନ୍ତି ।

୮) TISS, Mumbai ଦ୍ୱାରା ଆୟୋଜିତ ''ଉଚ୍ଚଶିକ୍ଷା ନେତୃତ୍ୱ ଫୋରମ୍''ରେ 18 ଜଣ ଶିକ୍ଷା ପ୍ରଶାସକ, ନୀତି ନିର୍ଦ୍ଧାରକ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ ।

## 12. ସହଯୋଗୀ ଅନୁଷ୍ଠାନ

### କ) ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା :

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା 2016 ମସିହା ମାର୍ଚ୍ଚ ମାସ 11 ତାରିଖରେ 46 ବର୍ଷ ବୟସ ପୂର୍ଣ୍ଣ କରିଛି । ଏଥି ମଧ୍ୟରେ +2 ଓ +3 ଛାତ୍ରଛାତ୍ରୀମାନଙ୍କ ପାଇଁ ବିଜ୍ଞାନ, ମାନବ ବିଦ୍ୟା (କଳା), ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା, କୃଷି ବିଜ୍ଞାନ ଓ ଯାନ୍ତ୍ରିକ ବିଦ୍ୟା ଇତ୍ୟାଦି ବିଷୟରେ 650 ଗୋଟି ବିଭିନ୍ନ ପ୍ରକାରର ପୁସ୍ତକ ପ୍ରକାଶ କରିପାରିଛି । ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକାରୀ (ଓପେପା) ବରାଦ ଅନୁଯାୟୀ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଶେଷ ଭାବେ ପରିକଳ୍ପିତ ବହି ସବୁ ସଫଳତାର ସହିତ ଏହି ସଂସ୍ଥା ମୁଦ୍ରଣ କରାଇପାରିଛି । 10 ଟି ଆଦିବାସୀ ବହୁଳ ଜିଲ୍ଲାରେ ମାତୃଭାଷାରେ ଶିକ୍ଷାଦାନ ପାଇଁ 106 ଟି ବହିର ପ୍ରକାଶନ ଭାର ଏକ ବୃହତ ଯୋଜନା ଏହି ସଂସ୍ଥା ଗ୍ରହଣ କରିଛି । ଆଉ ଗୋଟିଏ ଗର୍ବ ଏବଂ ସନ୍ତୋଷର ବିଷୟ ହେଉଛି, ଭାରତ ସରକାରଙ୍କ ବୈଜ୍ଞାନିକ ଓ ବୈଷୟିକ ଶବ୍ଦାବଳୀ ଆୟୋଗର ସହଯୋଗ କ୍ରମେ 40 ଟି ପୃଥକ ବିଷୟରେ ଇଂରାଜୀ-ଓଡ଼ିଆ ପରିଭାଷା କୋଷ ଓ 5 ଟି ଅଭିଧାନ ପ୍ରକାଶ କରିବାକୁ ଏହି ସଂସ୍ଥା ସମର୍ଥ ହୋଇଛି ।



ଶିକ୍ଷା କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏହି ସଂସ୍ଥା ଜାତୀୟ ତଥା ରାଜ୍ୟସ୍ତରୀୟ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜନ କରିଥାଏ । ନିକଟ ଅତୀତରେ ଭାରତ ସରକାରଙ୍କ ବୈଜ୍ଞାନିକ ଓ ବୈଷୟିକ ଶବ୍ଦାବଳୀ ଆୟୋଗ ଏବଂ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏକ ତିନିଦିନିଆ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ପ୍ରବୀଣ ଶିକ୍ଷାବିତ୍ ଏବଂ ଲେଖକମାନଙ୍କ ସହାୟତାରେ ଏହି ସଂସ୍ଥା +2 2016-17 ଶିକ୍ଷାବର୍ଷ ପାଇଁ ବିଭିନ୍ନ ବିଷୟର CBSE ଢାଞ୍ଚାରେ ନୂତନ ଭାବରେ ପ୍ରସ୍ତୁତ ପାଠ୍ୟଖସଡ଼ା ଅନୁଯାୟୀ ପୁସ୍ତକ ପ୍ରସ୍ତୁତି କରୁଛି । ସୁଲଭ ମୂଲ୍ୟରେ ଉଚ୍ଚମାନର ପୁସ୍ତକ ପିଲାମାନଙ୍କୁ ଠିକ୍ ସମୟରେ ଯୋଗାଇଦେବା ଏହି ସଂସ୍ଥାର ମୂଳ ଲକ୍ଷ୍ୟ ।

ଜ୍ଞାନ ସଦାସର୍ବଦା କ୍ରମବର୍ଦ୍ଧିଷ୍ଣୁ । ଜ୍ଞାନ ଚକ୍ଷୁକୁ ଉନ୍ମିଳିତ କରିବାପାଇଁ ପାଠ୍ୟପୁସ୍ତକଠାରୁ ଆରମ୍ଭ କରି ପାଠାଗାରର ନବୀକରଣ, ପାଠପଢ଼ା ପ୍ରତି ଛାତ୍ରଛାତ୍ରୀମାନଙ୍କର ସଚେତନତା ତଥା ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏହି ସଂସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

### ଖ) ରାଜ୍ୟ ଶିକ୍ଷା ନ୍ୟାୟାଧିକରଣ :

ରାଜ୍ୟ ସରକାର ଶିକ୍ଷା ବିଭାଗର ଅଧିସୂଚନା ସଂଖ୍ୟା – 30395/EYS ତା 08.11.1974 ରିଖ ଅନୁଯାୟୀ ସାରା ରାଜ୍ୟ ପାଇଁ ରାଜ୍ୟ ଶିକ୍ଷା ନ୍ୟାୟାଧିକରଣ ଗଠନ କରି ଓଡ଼ିଶା ଶିକ୍ଷା ଆଇନ୍, 1969ର ଧାରା 10-A ଅନୁଯାୟୀ ଅପିଲ୍ କ୍ଷମତା ପ୍ରଦାନ କରିଛନ୍ତି । ପୁନଶ୍ଚ ଶିକ୍ଷା ସଂଶୋଧନ ଆଇନ୍, 1998 ଧାରା 24-B ବଳରେ ଅନୁଦାନ ସମ୍ବନ୍ଧୀୟ ସମସ୍ତ କେଶ୍ ବିଚାର କରିବାର କ୍ଷମତା ଶିକ୍ଷା ନ୍ୟାୟାଧିକରଣକୁ ପ୍ରଦାନ କରାଯାଇଅଛି ।

ତା 16.08.2009 ରିଖଠାରୁ ଏହି ନ୍ୟାୟାଧିକରଣ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ଠାରୁ ସ୍ଥାନାନ୍ତରିତ ହୋଇ ତୋଷାଳି ପ୍ଲାଜା (ତୃତୀୟ ମହଲା), ସତ୍ୟନଗର, ଭୁବନେଶ୍ୱରଠାରେ କାର୍ଯ୍ୟ କରୁଅଛି ।

### ଗ) ଧନ୍ଦାମୂଳକ ଶିକ୍ଷା :

(୧) ଓଡ଼ିଶାରେ +2 ସ୍ତରରେ ଧନ୍ଦାମୂଳକ ଶିକ୍ଷା 231ଟି ଧନ୍ଦାମୂଳକ କନିଷ୍ଠ ମହାବିଦ୍ୟାଳୟରେ ୨୦ଟି ବିଭିନ୍ନ କର୍ମବିଦ୍ୟାରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ହେଉଛି । ଆତ୍ମନିଯୁକ୍ତି ସହିତ ସରକାରୀ, ଅର୍ଦ୍ଧ ସରକାରୀ ତଥା ବେସରକାରୀ ସଂସ୍ଥାଦ୍ୱାରା ଗଢ଼ି ଉଠୁଥିବା ଶିଳ୍ପ, କୃଷି ଓ ଯାନ୍ତ୍ରିକ ଅନୁଷ୍ଠାନରେ କର୍ମନିଯୁକ୍ତିକୁ ସହାୟତା ଦେବା ଏହାର ମୂଳ ଲକ୍ଷ୍ୟ ।

(୨) ଗତ ଶିକ୍ଷାବର୍ଷରେ ୨୦୪ଟି ଧନ୍ଦାମୂଳକ କନିଷ୍ଠ ମହାବିଦ୍ୟାଳୟରେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୮୯୫୩ ଥିବାବେଳେ ଚଳିତ ଶିକ୍ଷାବର୍ଷ 2015-16ରେ 187ଟି ଧନ୍ଦାମୂଳକ କନିଷ୍ଠ ମହାବିଦ୍ୟାଳୟରେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୭୩୬୮ ଅଟେ ।

(୩) ୨୦୧୫-୧୬ ଶିକ୍ଷାବର୍ଷରୁ ୧୨ଟି ଦକ୍ଷତାଭିତ୍ତିକ ଧନ୍ଦାମୂଳକ ବିଷୟ +2 କଳା, ବିଜ୍ଞାନ ଓ ବାଣିଜ୍ୟରେ ସମସ୍ତ +2 ମହାବିଦ୍ୟାଳୟରେ ପ୍ରଚଳନ କରାଯାଇଅଛି । ତତ୍‌ସଂପର୍କୀୟ course curriculum CHSE ଦ୍ୱାରା ଅନୁମୋଦିତ ହୋଇଅଛି । ସେହିପରି +3 ସ୍ତରରେ ମଧ୍ୟ ୧୦ଟି ଦକ୍ଷତାଭିତ୍ତିକ ଧନ୍ଦାମୂଳକ ବିଷୟ +3 କଳା, ବିଜ୍ଞାନ ଓ ବାଣିଜ୍ୟରେ ଏକ Elective subject ରୂପେ 2015-16 ଶିକ୍ଷାବର୍ଷରୁ ସମସ୍ତ ଡିଗ୍ରୀ ମହାବିଦ୍ୟାଳୟ ଗୁଡ଼ିକରେ ପ୍ରଚଳନ କରାଯାଇଛି ।

(୪) କେନ୍ଦ୍ର ସରକାରଙ୍କର Agriculture Sector Skill Council ର ସହଯୋଗିତାରେ ଧନ୍ଦାମୂଳକ ନିର୍ଦ୍ଦେଶାଳୟ ଚଳିତ ଶିକ୍ଷାବର୍ଷରେ Horticulture ଧନ୍ଦାମୂଳକ ବିଷୟରେ ଏକ ଚାରିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ OUAT, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି ।

(୫) ଧନ୍ଦାମୂଳକ ମହାବିଦ୍ୟାଳୟରେ କାର୍ଯ୍ୟରତ ପୂର୍ଣ୍ଣ ସାଧନ ବ୍ୟକ୍ତି (Full Time Resource Person) ମାନଙ୍କୁ CUTM ଏବଂ CIPET ରେ ୨୦ଟି ଧନ୍ଦାମୂଳକ ବିଷୟ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ପାଞ୍ଚଦିନ) ୨୦୧୫-୧୬ ଶିକ୍ଷାବର୍ଷରେ ଅନୁଷ୍ଠିତ ହୋଇଛି ।

(୬) ୧୮୧୫ ଜଣ ଧନ୍ଦାମୂଳକ ଛାତ୍ରଙ୍କୁ apprenticeship ପ୍ରଶିକ୍ଷଣ ଦେଇ ବିଭିନ୍ନ ସରକାରୀ/ବେସରକାରୀ ସଂସ୍ଥାରେ ନିୟୋଜିତ କରାଯାଇଛି ।

(୭) ରାଜ୍ୟରେ ଧନ୍ଦାମୂଳକ ଛାତ୍ରମାନଙ୍କୁ apprenticeship ପ୍ରଶିକ୍ଷଣ ଦେଇ ନିଯୁକ୍ତି କ୍ଷେତ୍ରରେ ନିୟୋଜିତ କରିବା ପାଇଁ କେନ୍ଦ୍ର ସରକାରଙ୍କ Regional Office of Practical Training (BoPT), କୋଲକାତାଙ୍କର ଏକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲାଯିବା ପାଇଁ ଅନୁମତି ଦିଆଯାଇଛି ।

## ଘ) ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ର :

ରାଜ୍ୟ ସରକାର ଓ ICSSR (ମାନବ ସମ୍ବଳ ବିକାଶ ବିଭାଗ, ଭାରତ ସରକାର)ଙ୍କର ମିଳିତ ଉଦ୍ୟମରେ 1987 ମସିହାରେ ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ର ସ୍ଥାପିତ ହୋଇଅଛି । ଏହାର ଅନୁଦାନ ଉଭୟ ରାଜ୍ୟ ସରକାର ଓ ICSSR 50:50 ଭିତ୍ତିରେ ବହନ କରିଥାଆନ୍ତି । ଏତଦ୍‌ବ୍ୟତୀତ ଏହି କେନ୍ଦ୍ର MCL, TISCO, NALCO, IDC ଇତ୍ୟାଦି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଜରିଆରେ ବୃତ୍ତି ରାଶି (Endowment Fund) ପାଇଛି ।

ସମାଜ ଓ ଅର୍ଥନୀତି ସମ୍ବନ୍ଧୀୟ ପ୍ରୟୋଗାତ୍ମକ ଅଧ୍ୟୟନ ବିଶେଷ କରି ରାଜ୍ୟ ସମ୍ପର୍କୀୟ ଅଧ୍ୟୟନ କ୍ଷେତ୍ରରେ ଏହା ଏକ ଅଗ୍ରଣୀ ଅନୁଷ୍ଠାନ । ଏତଦ୍‌ବ୍ୟତୀତ ବିଭିନ୍ନ ସମୟରେ ଏହି ଅନୁଷ୍ଠାନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ପାଇଁ ବିଭିନ୍ନ ବିଷୟରେ ଗବେଷଣାମୂଳକ ଅଧ୍ୟୟନ କରିବା ସହ ପେଶାଗତ ପରାମର୍ଶ ଦେବାପାଇଁ ଏକ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିଥାଏ ।

## ଙ) ଉଚ୍ଚଶିକ୍ଷାର ନବୀକରଣ– ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ *(RUSA)*

କେନ୍ଦ୍ର ସରକାରଙ୍କର ଯୋଜନା ମୁତାବକ ରାଜ୍ୟ ସରକାର ଉଚ୍ଚଶିକ୍ଷାର ନବୀକରଣ ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ 2012-13 ବର୍ଷଠାରୁ ପ୍ରଚଳନ କରିଛନ୍ତି । ଉଚ୍ଚଶିକ୍ଷାର ମାନ ବୃଦ୍ଧି, ପଦବୀ ପୂରଣ, ଭିତ୍ତିଭୂମିର ଉନ୍ନତି ଉପରୋକ୍ତ ଯୋଜନା ଅନ୍ତର୍ଭୁକ୍ତ ଅଟେ । 2013-14 ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ତାଙ୍କର ଅଂଶ ବାବଦକୁ 33.80 କୋଟି ଟଙ୍କା ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ନିମିତ୍ତ ମଞ୍ଜୁର କରିଛନ୍ତି । ଉକ୍ତ ଯୋଜନା ମାଧ୍ୟମରେ ଅନଗ୍ରସର ଶିକ୍ଷା ଜିଲ୍ଲାମାନଙ୍କରେ 8 ଗୋଟି ମଡ଼େଲ କଲେଜ ପ୍ରତିଷ୍ଠା ହେବ । ଦ୍ୱାଦଶ ଆର୍ଥିକ ଯୋଜନାରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷାର ଅଭିଯାନ ପାଇଁ କେନ୍ଦ୍ର ସରକାରଙ୍କୁ 2035.00 କୋଟି ଟଙ୍କାର ବ୍ୟୟର ପ୍ରସ୍ତାବ ଦିଆଯାଇଅଛି ।



ନବକଳେବର ୨୦୧୫ ଅବସରରେ ସାମନ୍ତ ଚନ୍ଦ୍ରଶେଖର (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ଯୁବରେଡ୍‌କ୍ରସ ଶିବିରର ଉଦ୍‌ଘାଟନ




ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ପ୍ରଥମ ବୈଠକରେ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଅଧ୍ୟକ୍ଷ
ଏବଂ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ।













**ଗୁଣାତ୍ମକ ଶିକ୍ଷାପ୍ରଦାନ, ଉଚ୍ଚଶିକ୍ଷାର ଆହ୍ୱାନ**

Printed by : Textbook Bureau, BBSR